ଚିନ୍ତା ଓ ଚେତନା

# ଜୀବ ନିଷ୍ଠୁରତା ଓ ଆଇନ୍ ବ୍ୟବସ୍ଥା

■ ବିଜୟ ଷଡ଼ଙ୍ଗୀ
ପରିଦର୍ଶକ, ଜିଲ୍ଲା ଜୀବେ ନିଷ୍ଠୁରତା ନିରାକରଣ ସମିତି, ବାଲେଶ୍ୱର

ସ୍ରଷ୍ଟାଙ୍କ ସଚରାଚର ସର୍ଜନା ମଧ୍ୟରେ ମାନବ ସୃଷ୍ଟି ଶ୍ରେଷ୍ଠ ବୋଲି କୁହାଯାଏ । କାରଣ ! ଆହାର, ବିହାର, ନିଦ୍ରା ଓ ମୈଥୁନ ଏଇ ସାଧାରଣ ଜୈବିକ ପ୍ରକୃତିକୁ ଛାଡ଼ିଦେଲେ ମନୁଷ୍ୟଠାରେ ଚିନ୍ତା ଓ ଚେତନା ଜନିତ ଭାବ ପ୍ରକାଶର ଶକ୍ତି ରହିଛି । ତାର ବିବେକ, ପ୍ରଜ୍ଞା ଓ ବିଚାର ଶକ୍ତି ରହିଛି । ମଣିଷର ମନ, ବୁଦ୍ଧି ଓ ବିଚାରର କ୍ରମ ବିକାଶ ଧାରାରେ ଆଜିର ମାନବସମାଜ ନିଜର ମନସାଧ ଚରିତାର୍ଥ କରିବା ବାହାନାରେ ସମଗ୍ର ସମାଜକୁ ଅଜାଣତରେ ଏକ ଧ୍ୱଂସାଭିମୁଖୀ ଗହ୍ୱର ମଧ୍ୟକୁ ଠେଲି ଦେଉଛି, ଯେଉଁଥିପାଇଁକି ଆଜି ପରିବେଶିକ ଭାରସାମ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଛି ।

ଆଦିମ କାଳରୁ ମଣିଷ ଜୀବଜନ୍ତୁଙ୍କ ସହ କାଳାତିପାତ କରିଆସିଛି । ସହଚର ଭାବରେ ବଞ୍ଚିବାର ସମାନ ଅଧିକାର ନେଇ ଏମାନେ କ୍ରମଶଃ ମାନବଜାତିକୁ ସୁସ୍ଥ ଓ ସଂସ୍କୃତି ସଂପନ୍ନ ଭାବରେ ଜୀବନଯାପନ କରିବାକୁ ପର୍ଯ୍ୟାପ୍ତ ସାହାଯ୍ୟ କରିଆସିଛନ୍ତି । ପରବର୍ତ୍ତୀ ପର୍ଯ୍ୟାୟରେ ଆଜିର ସଭ୍ୟ ମାନବଜାତି ସେମାନଙ୍କର ଦାନକୁ ପାଶୋରିଯାଇ ଯେଉଁଭଳି ଭାବରେ ସେମାନଙ୍କ ପ୍ରତି ଅକଥନୀୟ ନିର୍ଯ୍ୟାତନା ଦେଇ ନିଜର ସ୍ୱାର୍ଥସାଧନ କରିଚାଲିଛି ଏହା ଆଜି ଗଭୀର ଉଦ୍‌ବେଗର ବିଷୟ ହୋଇଛି । ପ୍ରକାଶ୍ୟ ଦିବାଲୋକରେ ରାଜରାସ୍ତାରେ ସର୍ବସାଧାରଣଙ୍କ ସମ୍ମୁଖରେ ବିଶେଷତଃ ସହରାଞ୍ଚଳରେ ଅବାଧ ଜୀବହତ୍ୟା କରାଯାଉଛି । ଏକ ପରିସଂଖ୍ୟାନରୁ ଜଣାଯାଇଛି ମାଂସପାଇଁ ଦୈନିକ ହାରାହାରି ପଚାଶରୁ ଷାଠିଏ ହଜାର ଛେଳି, ମେଣ୍ଢା, ଘୁଷୁରୀ ଓ କୁକୁଡ଼ାଙ୍କୁ ହତ୍ୟା କରାଯାଉଛି । ଫଳରେ ବହୁ ସମୟରେ ସ୍ଥାନେ ସ୍ଥାନେ ଏଥି ନିମନ୍ତେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ପୁଣି ସାମାଜିକ ପ୍ରଥା ଓ ଚଳଣି ନାଁରେ ନିଜର ମନସ୍କାମନା ପୂରଣ ନିମନ୍ତେ ବିଭିନ୍ନ ଦେବାଦେବୀ ପୀଠରେ ମହୋତ୍ସବ ସମୟରେ ଶହଶହ ସଂଖ୍ୟାରେ ପଶୁବଳି ଦିଆଯାଉଛି । ମା' କେବେ ତା ସନ୍ତାନର ରକ୍ତ ଚାହେଁ ? ଏହା କେବଳ ମଣିଷର କୁତ୍ସିତ ମାନସିକତାର ପରିପ୍ରକାଶ । ଏହା ପଛରେ କୌଣସି ପୌରାଣିକ କିମ୍ବା ପୂଜାବିଧିର ସତ୍ୟତା ନାହିଁ । ଆମ ରାଜ୍ୟରେ ବହୁ ସ୍ଥାନରେ ଅବଶ୍ୟ ଜନସଚେତନତାର ପ୍ରଭାବରେ ଏପ୍ରକାର ଘୃଣ୍ୟ ପ୍ରଥାକୁ କେତେକାଂଶରେ ଅଟକ କରାଯାଇପାରିଛି । ଏ କ୍ଷେତ୍ରରେ କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ହରିଆନା ଓ ଗୁଜରାଟ ଆଦି ରାଜ୍ୟରେ ଆଇନ୍ ପ୍ରଣୟନ କରାଯାଇ ସରକାର ଏହାକୁ ବେଆଇନ୍ କରିଦେଲେଣି । ସମୟକ୍ରମେ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ମଧ୍ୟ ଅନୁରୂପ ଆଇନ ପ୍ରଣୟନ କରାଯିବ ।

ମୋଟରଯାନ ଓ ରେଳ ମାଧ୍ୟମରେ ଦୂରସ୍ଥାନମାନଙ୍କୁ ଜୀବଜନ୍ତୁ ବିଶେଷକରି ଗୋରୁମାନଙ୍କୁ ମାଲବସ୍ତୁ ସଦୃଶ ବୋଝେଇ କରି ନେବା ନିର୍ଯ୍ୟାତନାର ଅନ୍ୟ ଏକ କାରୁଣ୍ୟ ଦୃଶ୍ୟ । ଅର୍ଥ ପିପାସୁ ମଣିଷ ଏମାନଙ୍କୁ ଖାଦ୍ୟ, ପାନୀୟ ଓ ବିଶ୍ରାମ ନଦେଇ ଦିନ ଦିନ ଧରି ବୋହି ନେବା ଫଳରେ ଅନେକ ସମୟରେ ସେମାନଙ୍କ ମଧ୍ୟରୁ ବହୁ ଗୋରୁ ମୃତ୍ୟୁ ମୁଖରେ ପଡୁଛନ୍ତି ତ କେତେକ ଖଣ୍ଡିଆ ଖାବରା ହେଉଛନ୍ତି । ଚାଳକ ଓ ବେପାରୀମାନେ ମୃତ ଗୋରୁକୁ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଇଯାଇଥାନ୍ତି । ସେହିପରି ବିଭିନ୍ନ ଗୋରୁହାଟରୁ ଗୋଟିଏ ଗୋରୁ ବେକକୁ ଅନ୍ୟ ଏକ ଗୋରୁର ବେକସହ ବାନ୍ଧି, ଖାଦ୍ୟ, ପାନୀୟ ଓ ବିଶ୍ରାମ ନଦେଇ ରାସ୍ତାରେ ଶହଶହ କିଲୋମିଟର ଚଲେଇ ଚଲେଇ ସୁଦୂର ପଶ୍ଚିମବଙ୍ଗ ଇତ୍ୟାଦି ରାଜ୍ୟକୁ ନେବା ସମୟରେ ଏମାନଙ୍କ ମୁହଁର ଅସହାୟ ରୂପକୁ ଯିଏ ନଦେଖିଛି ସେ କେବେ ବିଶ୍ୱାସ କରିବ ନାହିଁ । ଏତଦ୍ ଭିନ୍ନ କୁକୁଡ଼ା ଓ ବତକ ମାନଙ୍କର ଗୋଡ଼ବାନ୍ଧି ସାଇକେଲ, ରିକ୍ସା ଓ ମୋଟର ସାଇକେଲରେ ମୁଣ୍ଡ ତଳକୁ କରି ଓହଳେଇ ନେବା ଏବଂ ଘୁଷୁରୀମାନଙ୍କୁ ପଟାରିକ୍ସାରେ ଶରୀରକୁ ରଶିରେ ବାନ୍ଧି ବୋହିନେବା ଦୃଶ୍ୟ ମଧ୍ୟ ହୃଦୟବିଦାରକ ।

ଜୀବଜନ୍ତୁଙ୍କ ପ୍ରତି ଉପରୋକ୍ତ ନିର୍ଯ୍ୟାତନା ହିଁ ମନୁଷ୍ୟକୃତ । ଯେତେବେଳେ କୌଣସି ଅପକର୍ମର ମାତ୍ରା ଜନିତ ପ୍ରଭାବ ସମାଜକୁ ବିପଥଗାମୀ କରାଇବାର ଗୁରୁତ୍ୱ ଉପଲବ୍ଧି କରାଯାଏ, ସେତେବେଳେ ଆଇନ୍ ପ୍ରଣୟନର ଆବଶ୍ୟକତା ଦେଖାଦେଇଥାଏ । ତେଣୁ ୧୯୬୦ ମସିହାରେ ଜୀବଜନ୍ତୁଙ୍କ ପ୍ରତି ହେଉଥିବା କ୍ରମାଗତ ଅକଥନୀୟ ଅତ୍ୟାଚାରକୁ ରୋକିବା ଉଦ୍ଦେଶ୍ୟ ନେଇ କେନ୍ଦ୍ର ସରକାର ଜୀବ ନିଷ୍ଠୁରତା ନିରୋଧ ଆଇନ ପ୍ରଣୟନ କଲେ ଓ ଏ ସଂକ୍ରାନ୍ତରେ ନୀତିନିୟମ ନିର୍ଦ୍ଧାରଣ କଲେ । ଇତିମଧ୍ୟରେ ଛୟାଳିଶ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ୟବସ୍ଥାନୁଯାୟୀ ଆଇନ୍ ଉଲଙ୍ଘନକାରୀଙ୍କୁ

ସର୍ବନିମ୍ନ ଦଶଟଙ୍କାରୁ ସର୍ବାଧିକ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାକୁ ଏପର୍ଯ୍ୟନ୍ତ ସଂଶୋଧନ କରାଯାଇନାହିଁ । ଅନ୍ୟାନ୍ୟ କ୍ଷେତ୍ରରେ ଅପରାଧ ଜନିତ ଦଣ୍ଡର ବ୍ୟବସ୍ଥା ବାରମ୍ବାର ସଂଶୋଧନ କରାଯାଇ ଜୋରିମାନାର ପରିମାଣ ବୃଦ୍ଧି କରାଯିବା ସଙ୍ଗେ ସଙ୍ଗେ ଜେଲଦଣ୍ଡର ବ୍ୟବସ୍ଥା କରାଯାଇଥିବା ବେଳେ ଜୀବ ନିଷ୍ଠୁରତା ନିରୋଧ ଆଇନର ସଂଶୋଧନ ନିତ୍ୟାନ୍ତ ଆବଶ୍ୟକ । ସର୍ବୋପରି ଏ ଦିଗରେ ବେସରକାରୀ ସ୍ତରରେ ଜନସଚେତନତା ନାଁରେ ଯେଉଁ ଅନୁଷ୍ଠାନ ଗୁଡ଼ିକ କାର୍ଯ୍ୟ କରୁଛନ୍ତି ତାହା କେବଳ ଧର୍ମକୁ ଆଖିଠାର ମାରିବା ସଦୃଶ । କିନ୍ତୁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଜୀବ ନିଷ୍ଠୁରତା ନିରୋଧ ସମିତି (State S.P.C.A.) କୁ ଅଧିକ କ୍ରିୟାଶୀଳ କରାଇ ଜୀବଦୟା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉ । ସର୍ବୋପରି କେନ୍ଦ୍ର ସରକାର ମଧ୍ୟ ଏ ଦିଗରେ ଆଶୁପଦକ୍ଷେପ ନେବା ଜରୁରୀ ଅଟେ ।

❖ ❖ ❖



## ପ୍ରାଣୀ ବିଚିତ୍ରା

# ପଶୁ ପ୍ରବୃତ୍ତିର ବଳି

ଭାରତୀୟ ସଂସ୍କୃତି ଓ ପରମ୍ପରା ବୈଜ୍ଞାନିକ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ । ଏହି ଚିନ୍ତନ ପ୍ରତୀକଧର୍ମୀ ଚିନ୍ତନ । ଏଭଳି ଭାବରେ କାହାଣୀ ଛଳରେ ଜୀବନ ଦର୍ଶନ- ଆଧାତ୍ମିକ ଉତ୍ତରଣ ପାଇଁ ମାର୍ଗ ପ୍ରସ୍ତୁତ ହୋଇଛି ଯାହା ବିଜ୍ଞ, ପ୍ରାଜ୍ଞ ଓ ଅଜ୍ଞଙ୍କୁ ମଧ୍ୟ ସେମାନଙ୍କ ନିଜସ୍ୱ ରୀତିରେ ସନ୍ମାର୍ଗ ଦର୍ଶାଇଅଛି । ଉଦାହରଣ ସ୍ୱରୂପ ଶରତକାଳୀନ ଦେବୀ ପୂଜାର ବୈଶିଷ୍ଟ୍ୟ-ଦେବଗଣ ଅସୁରମାନଙ୍କ ଭୟାବହ ଅତ୍ୟାଚାରରେ ଅତିଷ୍ଠ ହୋଇ ଶକ୍ତିମୟୀ ଜଗତ୍‌ଜନନୀଙ୍କ ଦ୍ୱାରସ୍ଥ ହେଲେ- ସେମାନଙ୍କର ମାଆ ପ୍ରୟୋଜନ ଥିଲା । ଯାହାର ମନରେ ସନ୍ତାନ ପ୍ରତି ଅପାର କରୁଣା ଅଥଚ ସନ୍ତାନର କଲ୍ୟାଣ ପାଇଁ ନିଷ୍କପଟ ବାତ୍ସଲ୍ୟରେ ଭରା ମନ ନେଇ ସେ ହିଁ ଚରମ ନିଷ୍ଠୁରତା ଦର୍ଶାଇବାକୁ ସମର୍ଥ । ସବୁ ଠାରୁ କମ୍ କ୍ଷତି କରି ସେ ଦୁର୍ଜ୍ଜନ କବଳରୁ ବିଶ୍ୱ ରକ୍ଷା କରିପାରିବ । ଦଶଭୁଜା ଦୁର୍ଗାର ଅର୍ଥ ହେଲା ଦଶଟି ହସ୍ତରରେ ସେ ହିଁ ସମସ୍ତ ଦୁର୍ଗତିରୁ ଆଶ୍ରିତ ଜନକୁ ରକ୍ଷା କରନ୍ତି । ସେ ଚତୁର୍ବିଧ ଅନ୍ନ ଦାନ କରିବାରେ ସମର୍ଥ । ବିଦ୍ୟା-(ଚିନ୍ତନାନ୍ନ) କଳା (ଦର୍ଶନ୍ନାନ-ଶ୍ରବଣାନ୍ନ)- କୃଷି ସମ୍ପଦ ମାଧମରେ ମୁଖାନ୍ନ ଦାନ (ମୁଖାନ୍ନ)- ପରିବେଶକୁ ପ୍ରଦୂଷଣମୁକ୍ତ କରିବାର ମାନସିକ କଲ୍ୟାଣ ଚିନ୍ତାରେ ପରିପୂର୍ଣ୍ଣା ଜନତା ପକ୍ଷରେ ହିଁ ସମ୍ଭବ । ତେଣୁ ସବୁ ଦେବତା ମାନେ ଦୁର୍ଗତିନାଶିନୀ, ଅଫୁରନ୍ତ ଶକ୍ତିମୟୀ ଜଗତଜନନୀଙ୍କୁ ସବୁପ୍ରକାର ଶସ୍ତ୍ର (ନିଜ ନିଜର ଆୟୁଧ) ବିଶ୍ୱାସରେ ପ୍ରଦାନ କଲେ । ଉଦ୍ଦେଶ୍ୟର ବିଶ୍ୱର ବେଦନା ଉପଶମ- ଦୁର୍ବଳନାଶନ, ସନ୍ଥ ଉଦ୍ଧାର ଶାନ୍ତି ପ୍ରତିଷ୍ଠା । ବାସ୍ତବରେ ମାଆ ସେ ସୁକଠିନ ଅତି ନିର୍ମମ କାର୍ଯ୍ୟ କଲେ ; କିନ୍ତୁ ଅନ୍ତର ଆଶୀର୍ବାଦସୂଚକ କଲ୍ୟାଣ ରସରେ ପରିପୂର୍ଣ୍ଣ । ମହିଷର ପ୍ରାର୍ଥନା ମାଆ ପୂର୍ଣ୍ଣ କଲେ । ସେ ମଧ୍ୟ ଦଶହରାରେ ମାଆଙ୍କ ସହ ପୂଜିତ ହେଉଛି ମେଢରେ । ମହିଷ କିଏ ? କାମନାର ପ୍ରତୀକ ସେ, କାମନାର ବିନାଶ ହେଲେ ସଦ୍‌ବୁଦ୍ଧି, ସତ୍‌ଚିନ୍ତା ଓ ସତ୍‌କର୍ମର ଜୟ ହୁଏ । ନବଦିନ, ନବରାତ୍ରି ଆରମ୍ଭ ହେଲା । ଦଶଦିନ ହିଁ ଦଶହରା- ବିଜୟାଦଶମୀ । ବିଜୟା ହାସଲ କଲା ଶୁଭ ବୁଦ୍ଧି ଅଶୁଭ ବୁଦ୍ଧି ଉପରେ, ସେଥିପାଇଁ ହିଁ ନବଦିନର ବ୍ରତ,ସାଧନା, ସ୍ୱାର୍ଥତ୍ୟାଗ, ତପସ୍ୟା । ସେହି ମାଆ କେବେ ସନ୍ତାନର ରକ୍ତ ଚାହିଁବ ? ଏହା ପ୍ରତୀକଧର୍ମୀ । ମଣିଷ ଅସୁର ହେଉଛି କାହିଁକି, ଏହି ପଶୁ ପ୍ରବୃତ୍ତି ଅଧିକ ହେବାରୁ । ଦେବଗୁଣ ଅଧିକ ହେଲେ ପଶୁଗୁଣ ଊଣା ହେବ । ତେଣୁ ମାଆ ପାଖରେ ପଶୁବଳି ପ୍ରଥା ରହିଛି । ଆପଣାର ସମସ୍ତ ପଶୁ ପ୍ରବୃତ୍ତି ଯଥା କାମ, କ୍ରୋଧ, ମୋହ, ଲୋଭ, ମଦ, ମାତ୍ସର୍ଯ୍ୟ ଆଦି ପାଖରେ ବଳି ଦେଇଦିଅ- ଅର୍ଥାତ୍ ଧ୍ୱଂସ କରି ଅର୍ପଣ କର । ତେବେ ଚିତ୍ତ କଳୁଷମୁକ୍ତ ହେବ, ବିରାଟ ଅସୁର ତୁଲ୍ୟ ଶକ୍ତିସମ୍ପନ୍ନ ଇନ୍ଦ୍ରିୟମାନଙ୍କ ପ୍ରକୋପରେ ମନ ପୀଡିତ ହୋଇପାରିବ ନାହିଁ । ପଶୁବଳିର ଅର୍ଥ ପଶୁ ପ୍ରବୃତ୍ତିର ବଳି, ଏହା ମଧ୍ୟପଦଲୋପୀ କର୍ମଧାରୟ ସମାସ । ମାତ୍ର ସାଧାରଣ ଜନତାଙ୍କୁ ପୂଜକଗଣ ସ୍ୱାର୍ଥସିଦ୍ଧି ପାଇଁ ଏଭଳି ଅର୍ଥ କରି ବୁଝାଇଲେ ଯେ ବ୍ରାହ୍ମଣ ବଳିପ୍ରଦତ୍ତ ଛେଳିମାଂସ ଖାଇପାରିବ; ମାତ୍ର ମାଆଙ୍କୁ ଅର୍ପଣ ଆଗ କରିବ । ବାସ୍ତବରେ ସମସ୍ତ ପାଶବିକ ଗୁଣ ବା ପ୍ରବୃତ୍ତି ମାଆଙ୍କ ଆଗରେ ବଳିଦିଅ- ଏହା ହିଁ ବାର୍ତ୍ତା ।

(ସମାଜ)

❖ ❖ ❖